# ନିଯୁକ୍ତି ବିଜ୍ଞାପନ

## ଜିଲ୍ଲାପାଳ ତଥା ନିର୍ଦ୍ଦେଶକ, ସମ୍ବଲପୁରଙ୍କ କାର୍ଯ୍ୟାଳୟ

ବିଜ୍ଞାପନ ସଂଖ୍ୟା 01 / ସଂସ୍ଥା, ତା. 28.02.19

ସମ୍ବଲପୁର ଜିଲ୍ଲାର ଆର. ଆଇ. ଟି. ଆଇ., ଲରପଙ୍କ, ହିରାକୁଦ କାର୍ଯ୍ୟାଳୟ ପାଇଁ ତଳେ ଦର୍ଶାଯାଇଥିବା ଖାଲିଥିବା ୪ର୍ଥ ଶ୍ରେଣୀ ପଦବୀ ଚୁକ୍ତିଭିତ୍ତିକ (Contractual) ରେ ପୂରଣ କରିବା ପାଇଁ ନିର୍ଦ୍ଧାରିତ ଫର୍ମରେ ପ୍ରାର୍ଥୀଙ୍କ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ପଦବୀ ଗୁଡ଼ିକର ମାସିକ ପାରିଶ୍ରମିକ ଟ. ୮୦୭୦/- (ଆଠ ହଜାର ସତୁରୀ ) ଅଟେ । (ମହଙ୍ଗାଭତ୍ତା, ଘରଭଡ଼ା ଭତ୍ତା ଏବଂ ଚିକିତ୍ସା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଭତ୍ତା ଦିଆଯିବ ନାହିଁ) ।

| କାର୍ଯ୍ୟାଳୟର ନାମ | ଖାଲିଥିବା ପଦବୀର ନାମ ଓ ସଂଖ୍ୟା |
|---|---|
| ଆର.ଆର.ଟି.ଆଇ., ଲରପଙ୍କ | ପିଅନ - ୦୧ (ଅସଂରକ୍ଷିତ) |
| | ପ୍ରକୋଷ୍ଠ ପରିଚାରକ – ୦୧ (ଅସଂରକ୍ଷିତ) |

<u>ଯୋଗ୍ୟତା :-</u>

କ. ତା. ୦୧.୦୧.୨୦୧୮ ରିଖ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୧୮ ବର୍ଷରୁ ୩୨ ବର୍ଷ ମଧ୍ୟରେ ହୋଇଥିବ । (ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ବୟସ ୧୮ ବର୍ଷରୁ ୪୨ ବର୍ଷ ହୋଇଥିବ )

ଖ. ପ୍ରାର୍ଥୀ ସୁସ୍ଥ ସବଳ ଓ ମାନସିକ ବିକୃତି ବିହୀନ ହୋଇଥିବା ଆବଶ୍ୟକ ।

ଗ. ପ୍ରାର୍ଥୀ ମାଇନର (ସପ୍ତମ ଶ୍ରେଣୀ) ପାସ କରିଥିବେ ।

ଘ. ପ୍ରାର୍ଥୀ ବିବାହିତ ହୋଇଥିଲେ ତାଙ୍କର ଗୋଟିଏରୁ ଅଧିକ ସ୍ତ୍ରୀ ନଥିବା ବିଷୟରେ ଲିଖିତ ଭାବରେ ଆବେଦନ ପତ୍ର ସହିତ ସଂଲଗ୍ନ କରିବେ ।

ଙ. ସମ୍ବଲପୁର ତହସିଲର ସ୍ଥାନୀୟ ବାସିନ୍ଦା ହୋଇଥିବା ଆବଶ୍ୟକ । ପ୍ରାର୍ଥୀ କର୍ମ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରରେ ତାଙ୍କର ନାମ ପଞ୍ଜିକୃତ କରିଥିବା ଆବଶ୍ୟକ ।

ଚ. ବାସିନ୍ଦା ପ୍ରମାଣ ପତ୍ର ଓ ଜାତିଭିତ୍ତିକ ପ୍ରମାଣ ପତ୍ର ସ୍ୱୀକୃତୀପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବ ।

ଛ. ପ୍ରାର୍ଥୀ ଓଡ଼ିଆ ଭାଷାରେ ଲେଖି, ପଢ଼ି ଏବଂ କହିପାରୁଥିବା ଆବଶ୍ୟକ । ଏଥିପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟାର ସମ୍ମୁଖିନ ହେବେ ।

ଜ. ଏକ ବା ଏକାଧିକ ପଦବୀ ପାଇଁ ଆବେଦନ କରିପାରିବେ । ଯଦି ସେ ଏକାଧିକ ପଦବୀ ପାଇଁ ଆବେଦନ କରିବା ପାଇଁ ଚାହାନ୍ତି, ତେବେ ସେ ଦରଖାସ୍ତ ଫର୍ମର କ୍ରମିକ ନଂ. ୨ ରେ ଥିବା ପସନ୍ଦ ବାକ୍ସ ଗୁଡ଼ିକରେ ପସନ୍ଦଭିତ୍ତିରେ ପଦବୀର ନାମ ପୂରଣ କରିବେ ।

**ଉଦାହରଣ** - ଯଦି ପ୍ରାର୍ଥୀଙ୍କର ପ୍ରଥମ ପ୍ରସନ୍ଦ ପିଅନ ହୋଇଥାଏ, ତେବେ ସେ ଖାଲିଥିବା ୧ମ ପସନ୍ଦର ବାକ୍ସରେ ପିଅନ ଲେଖିବେ । ଯଦି ପ୍ରାର୍ଥୀଙ୍କ ର ଦ୍ୱିତୀୟ ପସନ୍ଦ ପ୍ରକୋଷ୍ଠ ପରିଚାରକ ହୋଇଥାଏ, ତାହା ହେଲେ ପ୍ରାର୍ଥୀ ୨ୟ ବାକ୍ସରେ ପ୍ରକୋଷ୍ଠ ପରିଚାରକ ଲେଖିବେ ।

# ଦରଖାସ୍ତ ଫର୍ମ

ଫଟୋଗ୍ରାଫ

୧. ପ୍ରାପ୍ତେଷୁ
ଉପ-ନିର୍ଦ୍ଦେଶକ, ଆର.ଆଇ.ଟି.ଆଇ, ଲରପଙ୍କ

| ୧ମ ପସନ୍ଦ | ୨ୟ ପସନ୍ଦ |
|---|---|
| | |

୨. ଆବେଦନ କରୁଥିବା ପଦବୀର ନାମ -

୩. ପ୍ରାର୍ଥୀଙ୍କର ନାମ -

୪. ପିତା / ସ୍ୱାମୀ ଙ୍କର ନାମ -

୫. ସ୍ଥାୟୀ ଠିକଣା -

୬. ବର୍ତ୍ତମାନ ଠିକଣା -

୭. ଜନ୍ମ ତାରିଖ -
(ପ୍ରମାଣପତ୍ରର ସ୍ୱଅନୁମୋଦିତ ନକଲ ସଂଲଗ୍ନ କରିବେ)

୮. ଶିକ୍ଷାଗତ ଯୋଗ୍ୟତା -
(ପ୍ରମାଣପତ୍ରର ସ୍ୱଅନୁମୋଦିତ ନକଲ ସଂଲଗ୍ନ କରିବେ)

୯. ଅନୁସୂଚୀତ ଜନଜାତି / ଅନୁସୂଚୀତ ଜାତି -
(ପ୍ରମାଣପତ୍ରର ସ୍ୱଅନୁମୋଦିତ ନକଲ ସଂଲଗ୍ନ କରିବେ)

୧୦. ପୂର୍ବତନ ସାମାରିକ କର୍ମଚାରୀ / ଭିନ୍ନକ୍ଷମ -
(ପ୍ରମାଣପତ୍ରର ସ୍ୱଅନୁମୋଦିତ ନକଲ ସଂଲଗ୍ନ କରିବେ)

୧୧. କର୍ମ ନିଯୋଜନ ସଂସ୍ଥାର ନାମ, ନମ୍ବର ଓ ବୈଧତାର ଶେଷ ତାରିଖ -

୧୨. ପ୍ରାର୍ଥୀ ବିବାହିତ କି ? (ହଁ / ନାଁ) -
ଯଦି ହଁ, ଗୋଟିଏ ରୁ ଅଧିକ ସ୍ତ୍ରୀ ନଥିବା ବିଷୟରେ ଲିଖିତ ଘୋଷଣା ପତ୍ର -

## ଘୋଷଣା

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ଉପର ଲିଖିତ ତଥା ସଂଲଗ୍ନ ହୋଇଥିବା ସମସ୍ତ ପ୍ରମାଣପତ୍ର ସମ୍ପୂର୍ଣ୍ଣ ସତ୍ୟ ଅଟେ । ଯଦି ଭବିଷ୍ୟତରେ ଏହା ମିଥ୍ୟା ବୋଲି ପ୍ରମାଣିତ ହୁଏ, ତେବେ ମୁଁ ମୋର ପ୍ରାର୍ଥୀତ୍ୱ ହରାଇବି ଏବଂ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ପ୍ରାର୍ଥୀଙ୍କ ର ସ୍ୱାକ୍ଷର

ତାରିଖ -

ସ୍ଥାନ -

ସର୍ତ୍ତାବଳୀ :-

୧. ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରିବେ, ସେହି ପଦବୀ / ପଦବୀ ଗୁଡ଼ିକର ନାମ ଦରଖାସ୍ତ ଫର୍ମର କ୍ରମିକ ନଂ. ୨ ରେ ପୂରଣ କରିବେ ।
*(ପ୍ରାର୍ଥୀ ଦରଖାସ୍ତ ଫର୍ମର କ୍ରମିକ ନଂ ୨ ପୂରଣ କରିବା ପୂର୍ବରୁ ନିଯୁକ୍ତି ବିଜ୍ଞାପନର ଯୋଗ୍ୟାତାରେ ଦର୍ଶାଯାଇଥିବା (ଜ) କ୍ରମାଙ୍କକୁ ପଢ଼ି ଓ ବୁଝି ପୂରଣ କରିବେ)*

୩. ପ୍ରାର୍ଥୀ ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତି ମାଇଁ ଦାବୀ କରିପାରିବେ ନାହିଁ ।

୪. ଆବଶ୍ୟକ ହେଲେ ଖାଲିଥିବା ପଦବୀ କମା ଯାଇପାରେ କିମ୍ବା ବଢ଼ାଯାଇପାରେ ।

୫. ଅସମ୍ପୂର୍ଣ୍ଣ ଆବେଦନ ପତ୍ର ଓ ଆବଶ୍ୟକୀୟ ପ୍ରମାଣପତ୍ରର ବୈଧତା ନ ଥିଲେ, ପ୍ରାର୍ଥୀ ପତ୍ର ନାକଚ ହୋଇଯିବ ।

୬. ଆବଶ୍ୟକ ହେଲେ ବିନା କାରଣ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନଟି ଆଂଶିକ ପରିବର୍ତ୍ତନ / ପୂର୍ଣ୍ଣ ପରିବର୍ତ୍ତନ / ରଦ୍ଦ କରାଯାଇପାରେ ।

ଆବେଦନକାରୀ ଏହି ବିଜ୍ଞାପନରେ ଥିବା ଦରଖାସ୍ତ ଫର୍ମଟିକୁ ଠିକ୍ ଭାବରେ ପୂରଣ କରି ଦରଖାସ୍ତ ଫର୍ମଟିକୁ ନିମ୍ନଲିଖିତ କାଗଜାତ ସହିତ ସଂଲଗ୍ନ କରି ସ୍ପିଡପୋଷ୍ଟ ବା ରେଜିଷ୍ଟ୍ରୀ ଡାକ ଯୋଗେ ଉପ-ନିର୍ଦ୍ଦେଶକ, ଆର.ଆଇ.ଟି.ଆଇ, ଲରପଙ୍କ ଙ୍କ ଠିକଣାରେ ଆବେଦନ କରିପାରିବେ ଯାହା କି ଉକ୍ତ କାର୍ଯ୍ୟାଳୟରେ ତା. 30-03-19. ରିଖ ସୁଦ୍ଧା ପ୍ରାପ୍ତ ହେବା ଆବଶ୍ୟକ । ଦରଖାସ୍ତକାରୀ ଲଫାପା ଉପରେ ଆବେଦନ କରୁଥିବା ପଦବୀର ନାମ ଉଲ୍ଲେଖ କରିବେ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ସ୍ୱଅନୁମୋଦିତ (Self attested) ନକଲ ।

୨. ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ରର ସ୍ୱଅନୁମୋଦିତ (Self attested) ନକଲ ।

୩. ଜାତିଗତ ପ୍ରମାଣପତ୍ରର ସ୍ୱଅନୁମୋଦିତ (Self attested) ନକଲ ।

୪. କର୍ମ ନିଯୋଜନ ପଞ୍ଜିକୃତ ପ୍ରମାଣପତ୍ରର ସ୍ୱଅନୁମୋଦିତ (Self attested) ନକଲ ।

୫. ଆବଶ୍ୟକ ସ୍ଥଳେ ଭିନ୍ନକ୍ଷମ ପ୍ରମାଣପତ୍ର, ପୂର୍ବତନ ସାମରିକ ସେବାର ପ୍ରମାଣପତ୍ର ର ସ୍ୱଅନୁମୋଦିତ (Self attested) ନକଲ ।

୬. ତିନିଗୋଟି ସ୍ୱଅନୁମୋଦିତ (Self attested) ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ । ଗୋଟିଏ ଫଟୋଗ୍ରାଫ୍ ଦରଖାସ୍ତ ଫର୍ମ ଉପରେ ସଂପୃକ୍ତ ସ୍ଥାନରେ ଅଠା ଦ୍ୱାରା ଲଟକାଯାଇଥିବା ଆବଶ୍ୟକ ଏବଂ ଅନ୍ୟ ଦୁଇଟି ଦରଖାସ୍ତ ସହିତ ସଂଲଗ୍ନ କରାଯିବ ।

୭. ଆବେଦନକାରୀ ତାଙ୍କର ସମ୍ପୂର୍ଣ୍ଣ ଠିକଣା ଥାଇ ସ୍ପିଡପୋଷ୍ଟ ପାଇଁ ଉପଯୁକ୍ତ ଡାକ ଟିକଟ ଲଗାଯାଇଥିବା ଦୁଇଟି ଲଫାପା ଦରଖାସ୍ତ ଫର୍ମ ସହ ସଂଲଗ୍ନ କରିବେ ।

୮. ପ୍ରାର୍ଥୀ ବିବାହିତ ହୋଇଥିଲେ ତାଙ୍କର ଗୋଟିଏରୁ ଅଧିକ ସ୍ତ୍ରୀ ନଥିବା ବିଷୟରେ ଲିଖିତ ଘୋଷଣାନାମା ଆବେଦନ ପତ୍ର ସହିତ ସଂଲଗ୍ନ କରିବେ ।

ଜିଲ୍ଲାପାଳ ତଥା ନିର୍ଦ୍ଦେଶକ,
ଆର.ଆଇ.ଟି.ଆଇ, ଲରପଙ୍କ ସମ୍ବଲପୁର